## ୬ ବଖରା ଜଳିଗଲା

ହାଟଡିହୀ,(ଡି.ଏନ.ଏ.): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ଶାଳନିଆଁ ପଞ୍ଚାୟତ ବ୍ରାହ୍ମଣୀକଳା ଗ୍ରାମର ମୁରଲୀ ସାହୁ ଓ ଗୌରାଙ୍ଗ ସାହୁଙ୍କ ଘରେ ନିଆଁ ଲାଗି ୬ ବଖରା ପାଉଁଶ ହୋଇ ଯାଇଛି। ଘରେ ରଖାଯାଇଥିବା ଧାନ, ଚାଉଳ, ଆସବାବପତ୍ର ସବୁ ପୋଡିଯାଇଛି। ହାଟଡିହୀ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ପାଇଁ ଦାବି ହୋଇଛି।



### ସଂକ୍ଷେପରେ

## ଖଣି ବିଭାଗ ଦ୍ୱାରା ଚୋରା ଖଣିଜ ଜବତ

ଯୋଡ଼ା/ବଡ଼ବିଲ, ୨୪।୧(ଡି.ଏନ୍.ଏ./ସ୍ୱ.ପ୍ର.): କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଓ ବଡବିଲ ଥାନା ଅନ୍ତର୍ଗତ ସେରେଣ୍ଡା ଠାରେ ଖଣିବିଭାଗ ଦ୍ୱାରା ବେଆଇନ୍ ଚୋରା ଖଣିଜ ଜବତ ହୋଇଛି। ଯୋଡ଼ା ଥାନା ଅଧୀନରେ ଥିବା ଆନ୍ତରାମାନ୍ତରା ଛକଠାରୁ ରବିବାର ଯୋଡା ଖଣିବିଭାଗ ୩ ଟ୍ରିପ୍ ବେଆଇନ ଗଚ୍ଛିତ ଲୁହାପଥର ଜବତ କରିଛି। ୩୦ ମେଟ୍ରିକ ଟନ୍ ଚୋରା ଲୁହାପଥର ଗଚ୍ଛିତ ଥିବା ଖବର ପାଇ ଯୋଡା ଖଣିବିଭାଗ ଅଧିକାରୀ ଅଜୟ ଗିରି, କଳାକର ବେହେରା, ଭାସ୍କର ସିଂ ଚଢାଉ କରି ଉକ୍ତ ଚୋରା ଲୁହାପଥରକୁ ଜବତ କରିଥିଲେ। ତେବେ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଚୋରା ଲୁହାପଥର ବିଭିନ୍ନ ରେଳ ସାଇଡିଂରୁ ଚୋରାରେ ଅଣାଯାଇ ସେଠାରେ ଗଚ୍ଛିତ ରଖାଯାଉଥିଲା। ସେହିପରି ବଡ଼ବିଲ ସେରେଣ୍ଡାସ୍ଥିତ ଓଏମସି(ଓଡିଶା ଖଣି ନିଗମ) କଲୋନୀ ନିକଟ ରାସ୍ତା କଡ ଜଙ୍ଗଲରେ ଚୋରା ଚାଲାଣ ନିମନ୍ତେ ଲୌହ ଗୁଣ୍ଡ ଗଚ୍ଛିତ ଥିବା ଖବର ପାଇଥିଲା। ଘଟଣାସ୍ଥଳରେ ଖଣି ବିଭାଗୀୟ ଅଧିକାରୀ ପହଞ୍ଚି ପ୍ରାୟ ୫୦ ଟନ ଲୌହଗୁଣ୍ଡ ଜବତ କରିଛନ୍ତି। ମେଶିନ ସାହାଯ୍ୟରେ ଘଟଣାସ୍ଥଳରୁ ଲୌହଗୁଣ୍ଡକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଜବତ ୫୦ ଟନ ଲୌହ ଗୁଣ୍ଡର ଅନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

## ନୂଆଖମଣ ଟିମ୍ ଚାମ୍ପିୟନ

ପାଟଣା, ୨୪।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତ ମାନପୁର ଗ୍ରାମ ଫୁଟବଲ ପଡ଼ିଆରେ ଶନିବାର ମା'ସୁନ୍ଦରଗୌରୀ କ୍ରିକେଟ କ୍ଲବ ତରଫରୁ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଶନିବାର ଫାଇନାଲ ମ୍ୟାଚ୍ ନୂଆଖମଣ ସହ ଟାଙ୍ଗରାଣୀ ମଧ୍ୟରେ ଅନୁଷ୍ଠିତ ହୋଇଛି। ନୂଆଖମଣ ଟିମ୍ ପ୍ରଥମ ଇନିଙ୍ଗସ୍‌ରେ ବ୍ୟାଟିଂ କରି ୧୫ ଓଭରରେ ୧୪୬ ରନ୍ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ନିର୍ଦ୍ଧାରିତ ୧୫ ଓଭରରେ ଟାଙ୍ଗରାଣୀ ଦଳ ସମସ୍ତ ଉଇକେଟ ହରାଇ ୭୮ ରନ କରିଥିଲା। ନୂଆଖମଣ ଟିମ୍ ଚାମ୍ପିୟନ ହୋଇଥିବାବେଳେ ଓ ଟାଙ୍ଗରାଣୀ ଟିମ୍ ରନର୍ସଅପ୍ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଜେଡି ବରିଷ୍ଠ ନେତା ତଥା ଓସ୍କା ପାଟଣା ବ୍ଲକ ସଂଯୋଜକ ମିତ୍ରଭାନୁ ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥିଭାବେ କଣ୍ଟିଆପଡା ସରପଞ୍ଚ ଚକ୍ରଧର ନାଏକ, ସ୍ଥାନୀୟ ସମିତିସଭ୍ୟ ବିଭୂତି ଭୂଷଣ ନାୟକ, ବିଜେଡି ଯୁବ ସଭାପତି ରଘୁବର ମହାନ୍ତ ଓ ଶିକ୍ଷାବିତ ଭାଗିରଥି ମହାନ୍ତ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୬ ହଜାର ଟଙ୍କା ପୁରସ୍କୃତ କରିଥିଲେ।

## ରାଜ୍ୟ ଶିକ୍ଷା ନିର୍ଦ୍ଦେଶକଙ୍କ ସ୍କୁଲ ପରିଦର୍ଶନ

ଢେଙ୍କିକୋଟ,୨୪।୧(ଡି.ଏନ.ଏ.): କେନ୍ଦୁଝର ଜିଲା ଘଟଗାଁ ବ୍ଲକ ବିଭିନ୍ନ ହାଇସ୍କୁଲକୁ ରବିବାର ରାଜ୍ୟ ଶିକ୍ଷା ନିର୍ଦ୍ଦେଶକ ସତ୍ୟମୋହନ ସେନାପତି ପରିଦର୍ଶନ କରିଛନ୍ତି। ରବିବାର ସ୍କୁଲରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉପସ୍ଥିତ ସମେତ ଛାତ୍ରୀ ଛାତ୍ର ଉପସ୍ଥିତକୁ ଗୁରୁତ୍ୱ ଦେଇଥିବା ବେଳେ ଶିକ୍ଷାଦାନ ଠିକ ଭାବେ ଚାଲିଛି କି ନାହିଁ ଦେଖିଥିଲେ। ସ୍କୁଲ ଗୁଡ଼ିକରେ ଏସଓପି ଗାଇଡ଼ ଲାଇନ ଠିକ ଭାବେ ଚାଲିଛି କି ନାହିଁ ସ୍କୁଲରେ କୋଭିଡ୍ ସେଣ୍ଟର ହୋଇଥିଲା କି ଯଦି ହୋଇଥିଲା ସ୍କୁଲ ସାନିଟାଇଜ ହୋଇଛି କି ନାହିଁ ୧୦୦ ଦିନ ଭିତରେ ପାଠ୍ୟ ଖସଡ଼ା ମୁତାବକ ପାଠପଢା ପ୍ରତି ଧ୍ୟାନ ଦେବାକୁ ପ୍ରଧାନଶିକ୍ଷକ ମାନଙ୍କୁ ତାଗିଦ କରିଛନ୍ତି। ସଦର ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଉପସ୍ଥିତ ରହିଥିଲେ। ଢେଙ୍କିକୋଟ ସରକାରୀ ବାଳିକା ହାଇସ୍କୁଲ ଓ ସତ୍ୟନାରାୟଣ ସରକାରୀ ହାଇସ୍କୁଲର ସମସ୍ତ କାଗଜପତ୍ର ସମେତ ଆନୁସଙ୍ଗିକ ତଥ୍ୟ ଠିକ ଥିବା ଦେଖି ଶିକ୍ଷା ନିର୍ଦ୍ଦେଶକ ଖୁସି ବ୍ୟକ୍ତ କରିଥିଲେ।

## ଶିଶୁକନ୍ୟା ସୁରକ୍ଷା ସଚେତନତା

ବନ୍ତ,୨୪।୧(ଡି.ଏନ.ଏ/ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପିନାଥପୁର, ତାଜିପୁର ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ରବିବାର ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ବାଳିକାମାନେ ହାତରେ ପ୍ଲାକାର୍ଡ ଧରି ଶିଶୁକନ୍ୟା ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ। ଏଥିସହ ବିଭିନ୍ନ ଛକରେ ପଥପ୍ରାନ୍ତ ନାଟକ ଓ ସଙ୍ଗୀତ ମାଧମରେ ସଚେତନ କରାଇଥିଲେ। ତାଜିପୁର ଅଙ୍ଗନୱାଡି କେନ୍ଦ୍ରର କର୍ମୀ ମନୋରମା ବେହେରାଙ୍କ ସଂଯୋଜନା, ଗୋପିନାଥପୁର ଅଙ୍ଗନୱାଡି କର୍ମୀ କୌଶଲ୍ୟା ଶିଅଳ, ଯେନାସାହି କର୍ମୀ ସୂର୍ଯ୍ୟମଣି ସାହୁଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜୀବିକା ଦେଇଛି କାଇଜନ୍ଦା

ଯୋଡ଼ା, ୨୪।୧(ଡି.ଏନ୍.ଏ.)

ଓଡିଶାର ଆଦିବାସୀ ବହୁଳ କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲାରେ ବହୁ କିସମର ଜଙ୍ଗଲଜାତ ଦ୍ରବ୍ୟ, ଜଙ୍ଗଲରୁ ସଂଗୃହୀତ ଖାଦ୍ୟ ମିଳିଥାଏ। ତନ୍ମଧ୍ୟରୁ ଜଙ୍ଗଲଜାତ ଖାଦ୍ୟ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି କାଇଜନ୍ଦା। ଯାହାକୁ କି ଏହି ଜିଲା ଗୁଡିକରେ ସ୍ଥାନୀୟ ଭାଷାରେ କୁରୁକୁଟି ବୋଲି କୁହାଯାଇଥାଏ। ଏହି ତିନୋଟି ଜିଲାରେ ବିଭିନ୍ନ ଅଞ୍ଚଳରେ ବସୁଥିବା ସାପ୍ତାହିକ ହାଟ ଗୁଡିକରେ ବହୁଳ ଭାବେ ବିକ୍ରି ହୋଇଥାଏ ଏହି କୁରୁକୁଟି ବା କାଇଜନ୍ଦା। ଏହି କାଇଜନ୍ଦାର ସ୍ୱାଦ ଖଟା। ଏହାକୁ ଖାଦ୍ୟଭାବେ କଞ୍ଚା ଖାଇବା ସହିତ ରାନ୍ଧିକରି ମଧ୍ୟ ଖାଇ ହୁଏ। ଚଟଣି ବାଟି ରସୁଣ କଞ୍ଚା ଲଙ୍କା ଚକଟି ଖାଇହୁଏ। ଏହାର ସ୍ୱାଦ ସମ୍ପୂର୍ଣ୍ଣ ନିଆରା। ଏହି ଚଟଣି ଅତି ସୁସ୍ୱାଦୁ ବୋଲି ଯୋଡ଼ାର ଅବସରପ୍ରାପ୍ତ ଶିକ୍ଷକ ସୋମନାଥ



ବେପାରୀ ମାନେ ରାସ୍ତା କଡ଼ରେ କାଇଜନ୍ଦା ଚଉପଦିରେ ବିକ୍ରି କରୁଛନ୍ତି।

ମହାନ୍ତି, ଯୁବ ସଙ୍ଗଠକ ସମୀର କୁମାର ଦାସ, ଶିବ କୁମାର ମୁଣ୍ଡା କହିଛନ୍ତି।

କାଇଜନ୍ଦାରେ ବିଭିନ୍ନ ପ୍ରକାରର ଔଷଧୀୟ ଗୁଣ ଭରପୂର ରହିଥିବା କଥା, ଯୋଡ଼ା ହାଟରେ କାଇଜନ୍ଦା ବିକ୍ରି କରୁଥିବା ମହିଳା କଣ୍ଟିନି ଦାଗଡ, ଏଣ୍ଡୁରୀ ଦେହୁରୀ, ରୁକ୍ମିଣୀ ପ୍ରଧାନ ପ୍ରମୁଖ କହିଛନ୍ତି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଦୀର୍ଘ ୪୯ ବର୍ଷ ଧରି କବିରାଜି ଦୋକାନ କରିଥିବା କବିରାଜ ସତ୍ୟ କୁମାର ଘାଟୁଆରୀଙ୍କୁ ପଚାରିବାରୁ କାଇଜନ୍ଦା ବ୍ୟବହାର ଦ୍ୱାରା ଯାବତୀୟ ପେଟ ରୋଗ ଯଥା- ଲିଭର ସମସ୍ୟା, ପାଚନ କ୍ରିୟା ସମସ୍ୟାକୁ ଭଲ କରାଯାଇଥାଏ। ସନ୍ଧେବ ଲବଣ ଓ କଳା ଲୁଣ ସହ ଏହାକୁ ବ୍ୟବହାର କଲେ କାଶ, କଫ ପ୍ରଭୃତିରୁ ଉପସମ ମିଳେ। ଏହା ସହିତ ଆଣ୍ଠୁଗଣ୍ଠି ବ୍ୟଥା, ଚର୍ମ ରୋଗ, ଏସିଡିଟି ରୋଗ ଓ ଶ୍ୱାସ ରୋଗରେ ମଧ୍ୟ ଏହାକୁ ବ୍ୟବହାର କରାଯାଇ ରୋଗୀକୁ ଭଲ କରାଯାଇଥାଏ ବୋଲି କବିରାଜ ଘାଟୁଆରୀ କହିଛନ୍ତି। ଏହି କାଇଜନ୍ଦାକୁ ସଂଗ୍ରହ କରିବା ଏକ କଷ୍ଟସାଧ କାର୍ଯ୍ୟ ବୋଲି ହାଟରେ ବିକୁଥିବା କଣ୍ଟିନି କହିଛନ୍ତି। ଯୋଡ଼ା ବ୍ଲକ ତଥା ଝୁମ୍ପୁରା ବ୍ଲକ ଅଞ୍ଚଳରେ ଥିବା କେନ୍ଦୁଘାଟି, କାଶିଆ, ଧଳାଡିହ, ବିଚାକୁଣ୍ଡି, ଖଣ୍ଡବନ୍ଧ ପ୍ରଭୃତି ଅଞ୍ଚଳର ଜଙ୍ଗଲରେ ଥିବା କୁସୁମ ଗଛ ଓ ଶାଳ ଗଛର ଉଚ୍ଚ ଶାଖାରେ ପତ୍ରକୁ ପତ୍ରରେ ଛନ୍ଦି କାଇଜନ୍ଦା ବସା ବାନ୍ଧିଥାଏ। ହାଟରେ ଏହାକୁ ଶାଳପତ୍ର ଚଉପଦିରେ ଭାଗ ବସାଇ ୨୦ ଟଙ୍କା ମୂଲ୍ୟରେ ବିକ୍ରି କରାଯାଇଥାଏ। ଏହି କାଇଜନ୍ଦା ଜୀବିକା ଉପାର୍ଜନର ବାଟ ସାଜିଛି।

## ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟ ନେଇ ଏତଲା

ଭଦ୍ରକ ଅଫିସ,୨୪।୧

ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେ ସୋସିଆଲ ମିଡିଆରେ ଆଶାଳୀନ ମନ୍ତବ୍ୟ ପୋଷ୍ଟ କରାଯିବା ପ୍ରତିବାଦରେ ଭଦ୍ରକ ଜିଲାର ଭାଜପା ଯୁବମୋର୍ଚ୍ଚା ଓ ଯୁବ ଭାଜପା ଆଇଟି ସେଲ୍‌ର ସଦସ୍ୟମାନଙ୍କ ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଛି। ଭଦ୍ରକ ଅଞ୍ଚଳର ଜଣେ ଯୁବକ ଶନିବାର ଭାଜପା ରାଜ୍ୟ ସାଧାରଣ ସମ୍ପାଦିକାଙ୍କ ବିରୋଧରେ ଅଶ୍ଳୀଳ ଓ ଘୃଣ୍ୟ ମନ୍ତବ୍ୟ ନବୀନ ଓଡ଼ିଶା ନାମକ ଗ୍ରୁପ୍‌ରେ ପୋଷ୍ଟ କରିଥିବା ଏତଲାରେ ଦର୍ଶାଯାଇଛି। ସମ୍ପୃକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ଯୁବମୋର୍ଚ୍ଚାର ସୋସିଆଲ ମିଡିଆ ରାଜ୍ୟ ସଂଯୋଜକ ସୂର୍ଯ୍ୟବଂଶୀ ସୂରଜ, ଜିଲା ଯୁବମୋର୍ଚ୍ଚା ସଭାପତି ସୁରେଶ ସାମଲ, ସୁଧୀର ଦ୍ୱିବେଦୀ, ଜିଲା ଆଇଟି ସେଲ୍ ଆବାହକ ପ୍ରଶାନ୍ତ ନାୟକ, ତୀର୍ଥ ପ୍ରସାଦ, କାହ୍ନା ଖୁଣ୍ଟିଆ, ମିଳନ ବଳ, ସୌମ୍ୟ ମହାକୁଡ଼, ରାଜୀବ ଦାସ, ଦେବବ୍ରତ ଦାସ ପ୍ରମୁଖ ଦାବି କରିଛନ୍ତି।

## ୧୯୮୩ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଜଣେ ଯୁବତୀ ରକ୍ତଦାନ କରୁଛନ୍ତି।

ଭଦ୍ରକ ଅଫିସ,୨୪।୧

ଭଦ୍ରକର ପ୍ରସିଦ୍ଧ ଧର୍ମଗୁରୁ ସୈୟଦ ଶାହା ୱସିମ ଅଖତର କାଦ୍‌ରୀ(ସାନ ସରକାର ବାବା)ଙ୍କ ଜନ୍ମଦିନ ଅବସରରେ ରବିବାର ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ. ମନାୱର ହୋସେନ, ସମ୍ପାଦକ ଇଂ. ରେଜା ଏ ରସୁଲ, ହାଜି ଅବଦୁଲ ବାରି, ମହମ୍ମଦ ଜକାଉଲ୍ଲା, ଶେଖ୍ ଆସିଫ ଅଲୀ, ମହମ୍ମଦ ଇକବାଲ ଖାଁ, ଇଂ. ହବିବୁଲ୍ଲା ଖାଁ, ସବୀର ଅଲୀ, ତବାରକ ଅଲୀ ଓ ମତଲୁବ ଅଲୀଙ୍କ ନେତୃତ୍ୱରେ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବାଇପାସ୍ ରୋଡ଼ ସ୍ଥିତ ଦରଘା ମଇଦାନଠାରେ ଶିବିର ହୋଇଥିଲା। ମୋଟ ୧୯୮୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଧାୟକ ସଞ୍ଜୀବ ମଲ୍ଲିକ, ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା, ଇଂ. ପ୍ରୟାସକାନ୍ତି ସାମଲ, ନରେନ ପଲେଇ, ନଳିନୀ ମହାନ୍ତି, ଦିଲୀପ ନାୟକ, ମାନସ ମହାନ୍ତି, ଡ. ବାଇଧର ସାହୁ, ଅବଦୁଲ ମୁକିତ ଖାଁ, ଏନାମ ମହମ୍ମଦ, ହାଜି ଅନୱର ହୋସେନ, ଆଇନଜୀବୀ ତାହେର ମହମ୍ମଦ, ଡ. ରବି ମହାପାତ୍ର, ନାସିର ବକ୍ସ, ରାଜୁ ଜେନା ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ୧୪୩ ଜଣ ଯୁବତୀ ରକ୍ତଦାନ କରିଥିଲେ। ଶେଷରେ ଏନ୍‌ପିଜି ପକ୍ଷରୁ ସାନ ସରକାର ବାବା ଓ ବଡ଼ ସରକାର ବାବାଙ୍କ ସମାଧିରେ ଚାଦର ଚଢ଼ା ଯାଇଥିଲା।

## ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ କ୍ରୀଡ଼ାମନ୍ତ୍ରୀ

ବାରିପଦା ଅଫିସ,୨୪।୧

ରାଜ୍ୟ କ୍ରୀଡା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ବିଭାଗୀୟ ଯୋଜନା କାର୍ଯ୍ୟକ୍ରମରେ ସମୀକ୍ଷା କରିଛନ୍ତି। ବାରିପଦା ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ବିନୀତ ଭରଦ୍ୱାଜ, ଜିଲା କ୍ରୀଡ଼ା ଅଧିକାରୀ ଭୋଜରାଜ ମହାପାତ୍ର, ଜିଲା ଇ-ଗଭନାନ୍ସ ଅଧିକାରୀ ସେବତୀ କର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର କ୍ରୀଡ଼ା ଭିତ୍ତିଭୂମିର ବିକାଶ, ସୂଚନା ପ୍ରଯୁକ୍ତି ଇ-ଗଭର୍ନାନ୍ସ ଏବଂ ବ୍ଲକ ଓ ସହରାଞ୍ଚଳରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିଭୂମି ଓ ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରଛନ୍ତି। ଯୁବ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ସମସ୍ତ ବ୍ଲକ ସ୍ତରରେ ମିନି ଷ୍ଟାଡିୟମ୍ ନିର୍ମାଣ, ଜିଲା ମହକୁମା ବାରିପଦା ସ୍ଥିତ ସୁଇମିଙ୍ଗ ପୁଲ୍ ନିର୍ମାଣ ସହିତ ବାରିପଦା, କୁଳିଅଣା, ଶୁଳିଆପଦା, ମୋରଡା, ବେତନଟୀ, ବଡସାହି, ରାସଗୋବିନ୍ଦପୁର, ରାଇରଙ୍ଗପୁର ପୌରାଂଚଳ ସ୍ଥିତ ମହୁଲଡିହାରେ ମିନି ଷ୍ଟାଡିୟମ୍ ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଓ ବ୍ଲକ ମହକୁମା କାର୍ଯ୍ୟାଳୟରେ ଭିଡିଓ କନ୍‌ଫେରେନ୍ସିଂ ବ୍ୟବସ୍ଥାର ଉନ୍ନତି କରଣ କରାଯିବା ପାଇଁ ଦୃଷ୍ଟି ଦେବା ଏବଂ ଗ୍ରାମାଞ୍ଚଳରେ ଟେଲିକମ୍ ଯୋଗାଯୋଗ ବ୍ୟବସ୍ଥାର ବିକାଶ ପାଇଁ ଟାୱାର ପ୍ରତିଷ୍ଠା କରାଯିବାକୁ ମନ୍ତ୍ରୀ ବେହେରା ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ସମ୍ପୃକ୍ତ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି।

## କ୍ୟାରମ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି କ୍ୟାରମ ଖେଳୁଛନ୍ତି।

ବାରିପଦା ଅଫିସ, ୨୪।୧

ବାରିପଦା ଦାରୋଗାଡାହିସ୍ଥିତ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କ୍ୟାରମ ଟୁର୍ନାମେଣ୍ଟକୁ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଏବଂ ଓଡିଶା କୃଷି ନିଗମ ଅଧକ୍ଷ ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡାମନ୍ତ୍ରୀ ଓ ପୂର୍ବତନ ଉପବାଚସ୍ପତିଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯାଇଥିଲା। ଏହି ଟୁର୍ନାମେଣ୍ଟରେ ଜିଲା ତଥା ପଡୋଶୀ ଜିଲାରୁ ଆସିଥିବା ମୋଟ ୩୨ ଗୋଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଫାଇନାଲ ମ୍ୟାଚରେ ସୌମ୍ୟରଞ୍ଜନ ଭଞ୍ଜଦେଓ ଓ ହୁଡିଙ୍ଗ ସିଂ ଚାମ୍ପିୟନ ହୋଇଥବା ବେଳେ ପ୍ରଜ୍ଞାନ କୁମାର ମହାନ୍ତ ଓ ଆଦିତ୍ୟ କୁମାର ବେହେରା ରନର୍ସଅପ, ଆଶିଷ କୁମାର ପଣ୍ଡା ଓ ନାଗା ହୁସେନ ତୃତୀୟ, ଉମେଶ ଚନ୍ଦ୍ର ରାଉତ ଓ ମନହୋର ଟୁଡୁ ଚତୁର୍ଥ ବିଜେତା ହୋଇଛନ୍ତି। ଟୁର୍ନାମେଣ୍ଟର ବେଷ୍ଟ ପ୍ଲେୟାର ଭାବେ ଆଦିତ୍ୟ କୁମାର ବେହେରାଙ୍କ ନାମ ଘୋଷଣା କରାଯାଇଛି।

## ୨ୟ ଦିନରେ ଭୁବନେଶ୍ୱର ରାମେଶ୍ୱର କ୍ଲବ ବିଜୟୀ

ଖଇରା, ୨୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ଖେଳ ପଡିଆରେ ଚାଲିଥିବା ଚିରନ୍ତନ ଚନ୍ଦ୍ରଶେଖର ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ରବିବାର ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟ୍ସ କ୍ଲବ ବାରିପଦାର ବିଜେଏମସିକୁ ୫୦ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ୨୦ଓଭରରେ ୩ ଉଇକେଟ ହରାଇ ୩୦୫ରନ ସଂଗ୍ରହ କରିଥିଲା। ଜବାବରେ ବାରିପଦା ୭ ଉଇକେଟ ହରାଇ ୨୫୫ରନ ସଂଗ୍ରହ କରି ପରାଜୟର ସମ୍ମୁଖୀନ ହୋଇଥିଲା। ପ୍ରଭାତ ସାହୁ ଓ ପ୍ରଦୀପ ଘଡେଇ ମ୍ୟାଚ ପରିଚାଳନା କରିଥିଲେ। ସୋମବାର ପ୍ରଥମ ସେମିଫାଇନାଲରେ କଟକର ୟଙ୍ଗଷ୍ଟାର ରବିବାରର ବିଜେତା ଭୁବନେଶ୍ୱରର ରାମେଶ୍ୱର କ୍ଲବକୁ ଭେଟିବ।

## ସ୍ତ୍ରୀଙ୍କୁ ନିର୍ଯାତନା: ସ୍ୱାମୀ ଗିରଫ

ବାରିପଦା ଅଫିସ,୨୪।୧

ବାରିପଦା ଟାଉନ ଥାନା ପୋଲିସ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଜୟନ୍ତ ଲେଙ୍କା(୩୪)। ସ୍ୱାମୀ, ଶାଶୁ, ଶ୍ୱଶୁର ଓ ଦେଢଶୁର ମିଶି ନିର୍ଯାତନା ଦେବା ସହ ଆକ୍ରମଣ କରୁଥିବାରୁ ସମ୍ପୃକ୍ତ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ସ୍ୱାମୀ,ଶାଶୁ, ଶ୍ୱଶୁର ଓ ଦେଢଶୁରଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପାଳନ ହେଲା ପରାକ୍ରମ ଦିବସ

ବାଲେଶ୍ୱର ଅଫିସ, ୨୪।୧

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ୧୨୫ତମ ନେତାଜୀ ଜୟନ୍ତୀକୁ ଶନିବାର 'ପରାକ୍ରମ ଦିବସ' ଭାବେ ପାଳନ କରାଯାଇଛି। ବାଲେଶ୍ୱର ନେହେରୁ ଯୁବକେନ୍ଦ୍ର ଓ 'ମୁନ କମ୍ୟୁନିକେଶନ'ର ମିଳିତ ସହଯୋଗରେ ସଦର ବ୍ଲକ ରଣସାହି ନିକଟସ୍ଥ ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ନେତାଜୀ ଜୟନ୍ତୀ ପାଳିତ ହୋଇଛି। ଅବନୀ କୁମାର ଜେନା ସଭାପତିତ୍ୱ କରିଥିଲେ। ଶିକ୍ଷକ ସୁଶାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦେଶ ଗଠନରେ ବର୍ତ୍ତୀ ହେବାକୁ ଆହ୍ୱାନ ଦେଇଥିଲେ। ସିନ୍ଧୁରୀ ଗ୍ରାମସ୍ଥ ବିଦ୍ୟାଳୟ ପରିସରରେ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍ ପକ୍ଷରୁ ଦୁଇ ରାଷ୍ଟ୍ରନାୟକ ନେତାଜୀ ସୁବାଷ ଚନ୍ଦ୍ର ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମବାର୍ଷିକୀ ପାଳନ ହୋଇଛି। ଏହି ଅବସରରେ ସ୍କୁଲ କମିଟି ଉପାଧ୍ୟକ୍ଷ କବି ଶ୍ରୀଦେବଙ୍କ ପୌରୋହିତ୍ୟ କରିଥିଲେ। ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ' ତରଫରୁ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ୍ ୭୩ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ସଙ୍ଗଠନ ସଭାପତି ଇଂ ସୁରେନ୍ଦ୍ର ନାଥ ଦାସ, ସମ୍ପାଦକ ଇଂ ବନମାଳୀ ନାୟକ, ବରିଷ୍ଠ ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ସଦସ୍ୟ ଓ ଅତିଥିମାନେ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା ଭାଜପା ପକ୍ଷରୁ ଜିଲା ଓ ସଦର ଅଫିସ୍ ପରିସରରେ ପରାକ୍ରମ ଦିବସ ପାଳିତ ହୋଇଛି। ଜିଲାସଭାପତି ଉମାକାନ୍ତ ମହାପାତ୍ର ଓ ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେଇଥିଲେ। ସେହିପରି ବାଲେଶ୍ୱର ଜିଲା ସ୍କୁଲ ପୁରାତନ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସ୍କୁଲ ପରିସର, ଡ୍ରିମ୍ ଆଇଡିଆଲ ରେସ୍‌ଡେନ୍‌ସିଆଲ ସ୍କୁଲ ପକ୍ଷରୁ ସ୍କୁଲ ପରିସର ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଟାଉନହଲ୍ ପରିସରରେ ନେତାଜୀଙ୍କ ଜୟନ୍ତୀ ପାଳନ ହୋଇଛି।

## ଧାନର ଅଭାବୀ ବିକ୍ରିକୁ ନେଇ ଅସନ୍ତୋଷ

କେନ୍ଦୁଝର, ୨୪।୧(ସ୍ୱ.ପ୍ର.)

ଆଦିବାସୀ ବହୁଳ ବଂଶପାଳ ବ୍ଲକ ଅନ୍ତର୍ଗତ ନୟାକୋଟ ଲ୍ୟାମ୍ପ ଧାନମଣ୍ଡିରେ ଧାନ କିଣାରେ ବ୍ୟାପକ ଅନିୟମିତତା ଲାଗିରହିଛି। ଏହାକୁ ନେଇ ଭାଜପା ଓଡିଶା ପ୍ରଦେଶ କମିଟି ତରଫରୁ ଧାନମଣ୍ଡି ଚାଲ ଅଭିଯାନ ଡାକରାରେ କେନ୍ଦୁଝର ଜିଲା ତେଲକୋଇ ବିଧାନସଭାର ନୟାକୋଟ ଲ୍ୟାମ୍ପ ଧାନମଣ୍ଡିକୁ ଦଳର କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ। ଚଳିତ ବର୍ଷ ୮୦୨ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଥିଲେ। କିନ୍ତୁ ବର୍ତ୍ତମାନସୁଦ୍ଧା ମାତ୍ର ୯୦ ଜଣ ଚାଷୀଙ୍କର ୩,୬୭୯ କୁଇଣ୍ଟାଲ ଧାନ କିଣା ଯାଇଛି। ପରିଦର୍ଶନ ସମୟରେ ଚାଷୀ ମାନଙ୍କ ଠାରୁ କୁଇଣ୍ଟାଲ ପ୍ରତି ୫ କିଲୋରୁ ୭ କିଲୋ ଧାନ କଟନୀ ଛଟନୀ ହେଉଥିବା ସହ ଚାଷୀମାନଙ୍କୁ ଧାନ ଅଖା ଅର୍ଥ ମିଳୁ ନ ଥିବା ମଧ୍ୟ ଚାଷୀମାନେ ଅଭିଯୋଗ କରିଥିବା ମହେଶ୍ୱର ସାହୁ କହିଛନ୍ତି।

ସେହିପରି ଧାନ ବେପାରୀ କମ ଦାମ୍‌ରେ ଚାଷୀଙ୍କ ଠାରୁ କିଣି ପଡ଼ୋଶୀ ସୁନ୍ଦରଗଡ଼, ଅନୁଗୁଳ ଆଦି ଜିଲାକୁ ଚାଲାଣ କରି ଅଧିକ ଦରରେ ବିକି ଲାଭବାନ ହେଉଛନ୍ତି ଅଥଚ ଗରିବ ଆଦିବାସୀ ଚାଷୀ ଉପକୃତ ହୋଇପାରୁ ନାହାନ୍ତି। ଧାନମଣ୍ଡିରେ ଧାନ ରଖିବା ପାଇଁ ପକ୍କା ଚଟାଣ, ପକ୍କା ପାଚେରୀ ନଥିବା ଦେଖିବାକୁ ପାଇଥିଲେ। ଏସବୁ ଅବ୍ୟବସ୍ଥା ଦେଖି ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ସାହୁ ଘୋର ନିନ୍ଦା କରିବା ସହିତ ରାଜ୍ୟ ସରକାର ତୁରନ୍ତ ଚାଷୀମାନଙ୍କ ସମସ୍ୟାର ସମାଧାନ କରିବା ସହିତ ସମସ୍ତ ଚାଷୀ ମାନଙ୍କର ଧାନ କିଣିବାର ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ଭାଜପା କୃଷକ ମୋର୍ଚ୍ଚା ତରଫରୁ ବ୍ୟାପକ ଚାଷୀ ଆନ୍ଦୋଳନ କରାଯିବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସାହୁ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁରଥ କୁମାର ବିଶ୍ୱାଳ, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜେଶ କୁମାର ମହାନ୍ତ, ଜୟକୃଷ୍ଣ ବେହେରା, ବିଶ୍ୱଜିତ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

## ବଳି ଯାଉଛି ୨ ଦିବ୍ୟାଙ୍ଗ ଝିଅଙ୍କ ଦୁଃଖ

ଖଇରା, ୨୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ପାଣିସାଉଁଳି ଗ୍ରାମର ଲକ୍ଷ୍ମୀଧର ଓ ସ୍ତ୍ରୀ ପୂର୍ଣ୍ଣିମାଙ୍କ ଦୁଃଖ ଦିନକୁ ଦିନ ବଢି ଚାଲିଛି। ଦୁଇ ଦିବ୍ୟାଙ୍ଗ ଝିଅଙ୍କ ଜଞ୍ଜାଳ ଭିତରେ ସେମାନେ ଖାଇବା ପିଇବା ଭୁଲିଯାଇଛନ୍ତି। କିପରି ସୁସ୍ଥ ହୋଇ ଦୁଇ ଝିଅ ଅନ୍ୟ ପିଲାଙ୍କ ପରି ଖେଳାଖେଳି କରିବେ ସେହି ଚିନ୍ତାରେ ମା'ବାପା ଦିନ କାଟୁଛନ୍ତି।

ଲକ୍ଷ୍ମୀଧର ୨୦୧୨ରେ ପୂର୍ଣ୍ଣିମାଙ୍କୁ ବିବାହ କରିବା ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଘରକୁ ଲକ୍ଷ୍ମୀ ଆସିଛନ୍ତି ଭାବି ଉଭୟ ଦମ୍ପତି ଖୁସିରେ ଆତ୍ମହରା ହୋଇ ପଡିଥିଲେ ଓ ଝିଅର ନାମ ଭାଗ୍ୟଲକ୍ଷ୍ମୀ(୮) ରଖିଥିଲେ। ହେଲେ ପିଲାଟି ଯେତିକି ବଢୁଥିଲା ମା' ବାପାଙ୍କ ମନ ସେତିକି ଭାରାକ୍ରାନ୍ତ ହୋଇପଡୁଥିଲା। କିଛି ଦିନ ମଧ୍ୟରେ ପିଲାଟି କଥା କହିବାକୁ ଏବଂ ଚାଲିବାକୁ ଅକ୍ଷମ ଥିବା ଜଣାପଡିଥିଲା। ଅନ୍ୟ ପଡୋଶୀ ଘରର ପିଲା ଖେଳାଖେଳି କରୁଥିବା ବେଳେ ଭାଗ୍ୟଲକ୍ଷ୍ମୀ ଘରେ ବସିରହୁଥିଲା। ଡାକ୍ତର ଦେଖାଇ



ମା' ପୂର୍ଣ୍ଣିମାଙ୍କ ସହ ୨ ଦିବ୍ୟାଙ୍ଗ ଝିଅ।

ଔଷଧପତ୍ର ଦେଇଥିଲେ ହେଁ ବିଶେଷ କିଛି ଲାଭ ମିଳି ନ ଥିଲା। ଏହାପରେ ଦ୍ୱିତୀୟ ସନ୍ତାନ ଜନ୍ମ ହୋଇଥିଲା। ସେହି ଝିଅଟି ମଧ୍ୟ ସମାନ ଆଚରଣ ପ୍ରଦର୍ଶନ କରିବାରୁ ମା' ବାପାଙ୍କର ସବୁ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଇଥିଲା। ଦୁଇ ଝିଅଙ୍କ ଏପରି ଅବସ୍ଥା ଦେଖି ସେମାନେ ମର୍ମାହତ ହୋଇପଡିଛନ୍ତି। ଦୁଇ ଝିଅଙ୍କୁ କଟକ ନେଇ ଡାକ୍ତରଙ୍କୁ ଦେଖାଇବା ପରେ ଅସ୍ତ୍ରୋପଚାର ପରେ କିଛିଟା ପରିବର୍ତ୍ତନ ହୋଇପାରେ ବୋଲି କହି ସାମାନ୍ୟ ଆଶାର ଆଲୋକ ଦେଖାଇଛନ୍ତି। ଏପର୍ଯ୍ୟନ୍ତ ଦିବ୍ୟାଙ୍ଗ ଝିଅଙ୍କୁ କୌଣସି ସରକାରୀ ସହାୟତା ମିଳି ପାରିନାହିଁ। ଔଷଧ ଖର୍ଚ୍ଚ ବହନ କରିବା କାଠିକର ପାଠ ହୋଇପଡୁଛି। ଏ ସମ୍ପର୍କରେ ଏବିଡିଓ ଶକ୍ତି ପାଇରାୟଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗ ପାଇବା ପରେ ସହାୟତା ବିଷୟରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

## ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ

କେନ୍ଦୁଝର ୨୪।୧ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ସ୍ଥାନୀୟ ନଗର ଭବନ ଠାରେ କିସ୍ ଅଭିଭାବକ ସଂଘ, କେନ୍ଦୁଝର ଶାଖା ପକ୍ଷରୁ ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ କନ୍ୟା କିରଣ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଚଳିତ ବର୍ଷର ମୁଖ୍ୟ ପ୍ରସଙ୍ଗ ରହିଛି ମୁଁ ପଢିବି ଓ ମୁଁ ବଢିବି। କିସ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଙ୍କ ଆହ୍ୱାନ କ୍ରମେ ଅଭିଭାବକ ସଂଘର ସଭାପତି ମକରଧ୍ୱଜ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଧରିତ୍ରୀ ରାଉତ, ଆଇନଜୀବୀ ପ୍ରତିଭାରାଣୀ ମିଶ୍ର, ପ୍ରଧାନଶିକ୍ଷୟତ୍ରୀ ସୁରଭିବାଳା ଜେନା, ଅଧ୍ୟାପିକା କୁମୁଦିନି ବାନରା ଯୋଗଦେଇଥିଲେ। ଶିଶୁ କନ୍ୟା ଓ ବାଳିକା ମାନଙ୍କ ସୁରକ୍ଷା ପାଇଁ ଥିବା ଆଇନଗତ ବ୍ୟବସ୍ଥା, ଜାତୀୟ ଶିକ୍ଷା ନୀତି, ସାମାଜିକ କଟକଣା, ଲଙ୍ଗଗତ ଭେଦଭାବ ଦୂର କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା।

**କଲେଜ ଛାତ୍ରୀଙ୍କଠାରୁ ସୁନାଚେନ୍ ଲୁଟ୍**

ସୋର,(ଡି.ଏନ୍.ଏ.): ସୋର ୟୁଏନ୍ କଲେଜ ଛକ ନିକଟରେ ଜଣେ କଲେଜ ଛାତ୍ରୀଙ୍କ ବେକରୁ ୨ଜଣ ଦୁର୍ବୃତ୍ତ କଳା ପଲ୍‌ସରରେ ଆସି ସୁନା ଚେନ୍ ଝାମ୍ପି ନେଇଛନ୍ତି। ଏହି ଛାତ୍ରୀଜଣକ ଜନଗହଳିପୂର୍ଣ୍ଣ କଲେଜ ଛକ ନିକଟରେ ନିଜ ମାଆଙ୍କ ସହ ଛିଡା ହୋଇଥିଲେ। ଏନେଇ ସୋର ଥାନାରେ ଲିଖିତ ଅଭିଯୋଗ ହେବା ପରେ ଥାନା ଭାରପ୍ରାପ୍ତ ଅଧିକାରିଣୀ ମଧୁମିତା ମହାନ୍ତି ତଦନ୍ତ ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ୨୨୭ ଗ୍ରାମ ବାଲ୍ୟବିବାହ ମୁକ୍ତ

ବାରିପଦା ଅଫିସ,୨୪।୧: ଶିଶୁ ଓ କିଶୋରୀମାନଙ୍କୁ ସୁରକ୍ଷା ଓ ପ୍ରାଧାନ୍ୟ ଦେବା ସହିତ ବାଲ୍ୟବିବାହ ମୁକ୍ତ କରାଯାଇ ସେମାନଙ୍କ ଭବିଷ୍ୟତ ଗଠନ ଦିଗରେ ସଜାଗ ରହିବାକୁ ଜାତୀୟ କନ୍ୟା ଦିବସ ପାଳନ ଅବସରରେ ଜିଲାପାଳ ବିନୀତ ଭରଦ୍ୱାଜ ଉପସ୍ଥିତ ରହି ମତବ୍ୟକ୍ତ କରିଛନ୍ତି। ୨୦୨୩ସୁଦ୍ଧା ମୟୂରଭଞ୍ଜ ଜିଲାକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ ଜିଲା ଭାବେ ପରିଣତ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଜିଲାରେ ଥିବା ୮୭୪ଟି ଆବାସିକ ବିଦ୍ୟାଳୟରେ ୫୦ହଜାରରୁ ଉର୍ଦ୍ଧ୍ୱ ବାଳିକାମାନେ ରହି ପାଠପଢୁଛନ୍ତି। ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା କକ୍ଷରେ ଜିଲା ଶିଶୁ ସୁରକ୍ଷା ଅଧିକାରି ମମତାମୟୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର, ଜିଲାମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ମହାପାତ୍ର, ଡିଏସ୍‌ଡବ୍ଲ୍ୟୁଓ ଅନୁସୟା ସାହୁ, ଓରମାସର ଡେପୁଟି ସିଇଓ ବିମାନ ଚନ୍ଦ୍ର ମଲ, ଶିଶୁ ସମଙ୍ଗଳ ସମିତି ଅଧକ୍ଷା କୃଷ୍ଣକଳ୍ପନା ମହାନ୍ତ ପ୍ରମୁଖ ଉପସ୍ଥିତ ରହି କନ୍ୟା ସନ୍ତାନମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାରେ ଥିବା ୨୨୭ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି । ବଡ଼ସାହି ବ୍ଲକର ବଳଭଦ୍ରପୁର, ସାରସକଣା ବ୍ଲକର ସିଲଫଣ୍ଡି ଓ ପୋଖରଡିହା ପଞ୍ଚାୟତକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି । ଅନ୍ୟମାନଙ୍କ ମଧରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ସମଗ୍ର ଶିକ୍ଷା ଅଭିଯାନ ଆଦିବାସୀ ଉନ୍ନୟନ ସଂସ୍ଥାର ସଂଯୋଜକ ସପନ ପୃଷ୍ଟି, ୨୬ଟି ବ୍ଲକର ସମସ୍ତ ସିଡିପିଓ ଓ ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବାଲ୍ୟ ବିବାହକୁ ବିରୋଧ କରି ପାଠପଢାରେ ମନବଳାଇଥିବା ୧୧ଜଣ ବାଳିକାଙ୍କୁ ଜିଲାପାଳ ଭରଦ୍ୱାଜ ସମ୍ବର୍ଦ୍ଧିତ କରିଛନ୍ତି।

### କନଷ୍ଟେବଲଙ୍କ ଆକ୍ରମଣରେ ହୋମଗାର୍ଡ ଆହତ

ଜଲେଶ୍ୱର, ୨୪।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଲେଶ୍ୱର ବ୍ଲକ ରାଇବଣିଆ ଥାନାରେ କାର୍ଯ୍ୟରତ ଜଣେ ଅନୁସୂଚିତ ଜାତିର ହୋମଗାର୍ଡ଼ଙ୍କୁ ଜଣେ ମହିଳା କନଷ୍ଟେବଲ ଆକ୍ରମଣ କରିଥିବା ରାଇବଣିଆ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଖୁଲୁଡା ଗ୍ରାମର ସଞ୍ଜୟ୍ କୁମାର ଜେନା ରାଇବଣିଆ ଥାନାରେ ହୋମଗାର୍ଡ ଭାବେ ରହି କମ୍ପ୍ୟୁଟର କାର୍ଯ୍ୟ କରୁଥିବା ବେଳେ ସେଠାରେ ଡ୍ରାଇଭର କୁଶେଶ୍ୱର ମହନ୍ତଙ୍କ ସହିତ ସାମାନ୍ୟ କଥାକୁ ନେଇ ବଚସା ହୋଇଥିଲା। ସେହି ସମୟରେ କିଛି ଦୂରରେ ବସିଥିବା ଅନ୍ୟଜଣେ ମହିଳା କନଷ୍ଟେବଲ ବିନୁମଣି ହଠାତ୍ ଉତ୍‌କ୍ଷିପ୍ତ ହୋଇ ହୋମଗାର୍ଡ ସଞ୍ଜୟ୍‌ଙ୍କୁ ଆକ୍ରମଣ କରିବା ସହିତ ତାକୁ ଜାତି ଉଠାଇ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଫଳରେ ଉଭୟଙ୍କ ମଧରେ ଗଣ୍ଡଗୋଳ ହେବା ସହିତ ଉଭୟେ ଆହତ ହୋଇଥିଲେ । ସେମାନଙ୍କ ମଧରେ ହୋଇଥିବା ମାରପିଟ୍‌କୁ ବସ୍ତା ଏସ୍‌ଡିପିଓ ୩ ଏସି/ଏସ୍‌ଟି କେସ୍‌ରେ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

### ଫି' ବୃଦ୍ଧିକୁ ନେଇ ତାତିଲେ ଛାତ୍ରୀଛାତ୍ର

ଉଦଳା,୨୪।୧ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା କଲେଜରେ ଅଧ୍ୟୟନରତ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କର ରିଆଡମିଶନ ଆରମ୍ଭ ହୋଇଛି। ରି ଆଡମିଶନରେ ବର୍ଦ୍ଧିତ ଫିକୁ ନେଇ ରବିବାର କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଛାତୀଛାତ୍ର ଧାରଣା ଦେଇଛନ୍ତି। କରୋନାବେଳେ ଦୀର୍ଘ ୯ ମାସ ଧରି କଲେଜ ବନ୍ଦ ରହିଥିଲା। ଅଧିକାଂଶ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ କରୋନାରେ ପ୍ରଭାବିତ ହୋଇଥିବାରୁ ଏହି ଦେୟ ପ୍ରଦାନ କରିବା ଛାତ୍ରୀଛାତ୍ରଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି କହିଛନ୍ତି । ତେଣୁ ଏହି ବର୍ଦ୍ଧିତ ଫିକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଅନ୍ୟପଟେ କଲେଜ ଅଧ୍ୟକ୍ଷ କଲେଜ ପରିଚାଳନା କମିଟିର ସଭାପତି ତଥା କପ୍ତିପଦା ଉପଖଣ୍ଡ ଉପଜିଲାପାଳଙ୍କୁ ଏହି ଦାବି ସମ୍ବନ୍ଧରେ ଅବଗତ କରାଇଥିବା ବେଳେ ତାଙ୍କର ନିଷ୍ପତ୍ତିକ୍ରମେ ଫିକୁ ୩୦ ପ୍ରତିଶତ କାଟ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରତ୍ୟାହାର କରିଥିଲେ ।

# ପାନୀୟଜଳ ଯୋଗାଣ ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ

**ସ୍ଥାପନ ହେବ ଅତ୍ୟାଧୁନିକ ଟେଷ୍ଟିଂ ଲାବରେଟୋରି**

ବାଲେଶ୍ୱର ଅଫିସ, ୨୪।୧

ବାଲେଶ୍ୱର ସହରସ୍ଥିତ ସର୍କିଟ ହାଉସ୍‌ଠାରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ରବିବାର ଜିଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲାର ଉପକୂଳବର୍ତ୍ତୀ ବ୍ଲକରେ ଲବଣାକ୍ତ (ସାଲାଇନ) ଓ ଆଇରନଯୁକ୍ତ ଜଳକୁ ନେଇ ଯେଉଁ ସମସ୍ୟା ରହିଛି ତାହାର ଉପଯୁକ୍ତ ସମାଧାନ ପାଇଁ ଉପସ୍ଥିତ ବିଧାୟକମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ସମାଧାନ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପାଣି ପରୀକ୍ଷା ପାଇଁ ଖୁବଶୀଘ୍ର ବାଲେଶ୍ୱରରେ ଏକ ଅତ୍ୟାଧୁନିକ ଟେଷ୍ଟିଂ ଲାବୋରଟାରୀ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ।

ଜିଲାର ବିଭିନ୍ନ ବ୍ଲକରେ ଏବେ ୧୨୩ଟି ଏକକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ କାମ ଚାଲିଥିବା ବେଳେ ସେଥିମଧ୍ୟରୁ ୭୨ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ କାମ ଆସନ୍ତା ମାର୍ଚ୍ଚ ସୁଦ୍ଧା ଶେଷ ହେବ। ଏତଦ୍‌ବ୍ୟତୀତ ଆହୁରି ୫୫ଟି ପାନୀୟଜଳ ଯୋଗାଣ ପ୍ରକଳ୍ପ ପାଇଁ ନିକଟରେ ଟେଣ୍ଡର ଆହ୍ୱାନ କରାଯିବ। ଜିଲାରେ ଏବେ ୪୫୭କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପାନୀୟଜଳ ଯୋଗାଣ ପ୍ରକଳ୍ପ କାମ ଚାଲିଥିବା ବେଳେ ଏଥିପାଇଁ ଆହୁରି ୪୧୫କୋଟି ଟଙ୍କା ଅନୁଦାନ ଦିଆଯିବ । ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ସହ ସ୍ଥାନୀୟ ସମସ୍ୟାକୁ ଦୃଷ୍ଟିରେ ରଖି ଛୋଟ ଛୋଟ ପ୍ରକଳ୍ପ କାର୍ଯ୍ୟ ଓ ଡିପ୍ ବୋରୱେଲ୍ କାମ ହାତକୁ ନିଆଯିବ। ଅମୃତ ଯୋଜନାରେ ବାଲେଶ୍ୱର ପୌରାଞ୍ଚଳରେ ଚାଲିଥିବା ୧୦ଟି ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୯ଟି ପ୍ରକଳ୍ପ ଶେଷ ହୋଇଛି । ବାକି ରହିଥିବା ଗୋଟିଏ ପ୍ରକଳ୍ପ କାମ ମାର୍ଚ୍ଚ ସୁଦ୍ଧା ସରିଯିବ। ସୋର, ନୀଳଗିରି ଓ ଜଳେଶ୍ୱର ସହରାଞ୍ଚଳର ପ୍ରତି ଘରକୁ ପାଇପ ପାଣି ଯୋଗାଇବା ପାଇଁ ୨ଟି ଲେଖାଏଁ ନୂଆ ପ୍ରକଳ୍ପ କାମ ହାତକୁ ନିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଏନେଇ ମନ୍ତ୍ରୀ ଜେନା ଜିଲାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଏହାସହ ଶତପ୍ରତିଶତ ଜନସାଧାରଣଙ୍କୁ କିଭଳି ପିଇବା ପାଣି ଯୋଗାଇ ଦିଆଯିବ ସେନେଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ବ୍ୟକ୍ତିଗତ ଭାବେ ଦୃଷ୍ଟି ରଖିବେ ବୋଲି ବୈଠକରେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସମୀକ୍ଷା ବୈଠକରେ ଭୋଗରାଇ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଅନନ୍ତ ଦାସ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ସୋର ବିଧାୟକ ପର୍ଶୁରାମ ଧଡା, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ପରିଷଦ ସଭାପତି ନିବେଦିତା ମହାନ୍ତି, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରମୋଦ ନାୟକ, ନିର୍ବାହୀ ଯନ୍ତ୍ରୀ ପରେଶ୍ୱର ଜେନା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର, ନିର୍ବାହୀ ଯନ୍ତ୍ରୀ ସୁରେଶ ରାଉତ, ବିଭାଗୀୟ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ଅନ୍ୟମାନେ।

# ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

ଖଇରା, ୨୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ସାରକୋଣା ପଞ୍ଚାୟତରେ ରବିବାର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ପ୍ରଥମେ ପଞ୍ଚାୟତ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତର ବିଜେଡି ସଭାପତି ସୁଶାନ୍ତ କୁମାର ନାୟକ, ସରପଞ୍ଚ ନିଳାଦ୍ରୀ ସାହୁ, ସମିତିସଭ୍ୟ ଅନୁରାଧା ଶଙ୍ଖୁଆ, ମାନସ ଦାଶ, ପ୍ରହଲ୍ଲାଦ ପତି, ଅମରେନ୍ଦ୍ର ସ୍ୱାଇଁ, କମଳାକାନ୍ତ ନାୟକ, ମହିଳାନେତ୍ରୀ କୃଷ୍ଣପ୍ରିୟା ଦାସ, ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭଦଳୀଠାରେ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସାର୍ବଜନୀନ ଦୋଳ ଉତ୍ସବ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ପଞ୍ଚାୟତ ସଭାପତି ସୁଶାନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ପେଡା, ପିତାମ୍ବର ମହାପାତ୍ର, ନିର୍ମଳ ଦାସ, ରବୀନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ବାତ୍ୟାଶ୍ରୟସ୍ଥଳ ନିର୍ମାଣ ଲାଗି ୫-ଟି ସଚିବଙ୍କୁ ଦାବିପତ୍ର



୫-ଟି ସଚିବ ଭି କେ ପାଣ୍ଡିଆନଙ୍କୁ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

ପଦ୍ମପୁର, ୨୪।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବାଲିମେଦ ପଞ୍ଚାୟତ ଓ ତିହିଡ଼ି ବ୍ଲକର ସିନ୍ଦୋଳ ପଞ୍ଚାୟତଠାରେ ବାତ୍ୟାଶ୍ରୟସ୍ଥଳ ନିର୍ମାଣ ପାଇଁ ବହୁଦିନ ଧରି ଦାବି ହୋଇଆସୁଥିଲା। ଏ ନେଇ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଶନିବାର ସଚିବାଳୟଠାରେ ୫-ଟି ସଚିବ ଭି କେ ପାଣ୍ଡିଆନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ପଡୁଆଁ ସରପଞ୍ଚ ଦୀନବନ୍ଧୁ ଦାସ, ବାଲିମେଦ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା, ସମିତିସଭ୍ୟା ସସ୍ମିତା ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଝରଣା ମଲ୍ଲିକ, ସାମାଜିକ କର୍ମୀ ଚିନୁ ପଟ୍ଟନାୟକ, ସିନ୍ଦୋଳ ସରପଞ୍ଚ ବୈକୁଣ୍ଠ ପାଣି, ହରିହର ସେନାପତି, ସୁରେନ୍ଦ୍ର ନାୟକ, ବିଜୟ ନାୟକ ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ୫-ଟି ସଚିବ ଏହି ଦାବିପତ୍ର ଗ୍ରହଣ କରିବା ସହ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଦୁଇ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଉତ୍କଳ ଯାଦବ ମହାସଭାର ସାଙ୍ଗଠନିକ କାର୍ଯ୍ୟକାରିଣୀ

ରେମୁଣା, ୨୪।୧(ଡି.ଏନ.ଏ.)

ଉତ୍କଳ ଯାଦବ ମହାସଭା ବାଲେଶ୍ୱର ଜିଲା ଆନୁକୂଲ୍ୟରେ ପଞ୍ଚଲିଙ୍ଗେଶ୍ୱରଠାରେ ରବିବାର ଔପଦା ବ୍ଲକ ସମ୍ମିଳନୀ ତଥା ସାଙ୍ଗଠନିକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ଯାଦବ ସଭାପତି ଇଂ. ରାଜେଶ ମହାକୁଡ଼ ଅଧକ୍ଷତା କରିଥିଲେ। ଏହି ଅବସରରେ ଔପଦା ବ୍ଲକ ସାଙ୍ଗଠନିକ କର୍ମକର୍ତ୍ତା ଚୟନ ସର୍ବସମ୍ମତିକ୍ରମେ ପାରିତ କରାଯାଇଥିଲା। ଏହି ନୂତନ କମିଟିକୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଉତ୍କଳ ଯାଦବ ମହାସଭାର ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅମର ନାୟକ ଘୋଷଣା କରିଥିଲେ। ଔପଦା ବ୍ଲକ ଉତ୍କଳ ଯାଦବ ମହାସଭା ସଭାପତି ଭାବେ ମୃତ୍ୟୁଞ୍ଜୟ ରାଉତ, କାର୍ଯ୍ୟକାରୀ ସଭାପତି କମଳାକାନ୍ତ ବାରିକ, ସାଧାରଣ ସମ୍ପାଦକ ନିରଞ୍ଜନ ବାରିକ, ସମ୍ପାଦକ ସଞ୍ଜୟ ପରିଡ଼ା, କୋଷାଧକ୍ଷ ସଞ୍ଜୟ ବାରିକ, ସଂଯୋଜନା ଭାବେ ସରତ ପରିଡ଼ାଙ୍କୁ ସର୍ବସମ୍ମତିକ୍ରମେ ଘୋଷଣା କରାଯାଇଥିଲା। ଉପସ୍ଥିତ ଅତିଥିମାନେ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟବକ୍ତା ଭାବେ କଟକ ଜିଲା ଉପସଭାପତି ଉପେନ୍ଦ୍ର ବେହେରା ଯୋଗଦେଇ ଉପସ୍ଥିତ ଥିବା ଯାଦବମାନଙ୍କୁ ସଙ୍ଗଠିତ ହୋଇ ଆଗାମୀ ଦିନରେ ଜାତି ତଥା ଦେଶର ଉନ୍ନତିମୂଳକ କାର୍ଯ୍ୟରେ ସାମିଲ୍ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ଉତ୍କଳ ଯାଦବ ମହାସଭାର ସଭାପତି ମନୋଜ କୁମାର ଦାସ, ସାଧାରଣ ସମ୍ପାଦକ ରବୀନ୍ଦ୍ର ମହାକୁଡ଼, କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ ଦାସ, ସାଙ୍ଗଠନିକ ସମ୍ପାଦକ ମାଧବାନନ୍ଦ ଦାସ, ସଂଯୋଜକ ଜଗନ୍ନାଥ ଦାସ, ଜିଲା ଯୁବ ଯାଦବ ସମ୍ପାଦକ ଅଞ୍ଜନ ବାରିକ ଉପସ୍ଥିତ ଥିଲେ।

# କଂଗ୍ରେସକୁ ମଜଭୁତ କରିବାକୁ ଆହ୍ୱାନ

ଭଣ୍ଡାରିପୋଖରୀ, ୨୪।୧ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରଣଜିତ ପଞ୍ଚାୟତ ମଞ୍ଜୁରୀ ସ୍ଥିତ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ରବିବାର ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ, କଂଗ୍ରେସ ଦେଶ ପାଇଁ ବହୁତ କିଛି କରିଛି। ବର୍ତ୍ତମାନ ଭାଜପା ଓ ବିଜେଡି ସରକାରଙ୍କ ପାଖରେ କିଛି ନୀତି ଆଦର୍ଶ ନାହିଁ। ଜନସାଧାରଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ଚାଲିଛନ୍ତି କହି କଂଗ୍ରେସକୁ ମଜଭୁତ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକ ଶାଖା ସଭାପତି ରଜନୀକାନ୍ତ ଚନ୍ଦ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ସୁବ୍ରତ ଦାସ, ଦଳୀୟ ନେତା ନଳିନୀ ମହାନ୍ତି, ପୂର୍ବତନ ଅଧକ୍ଷ ପିତାମ୍ବର ନାୟକ, ନରନାରାୟଣ ଜେନା, ବରିଷ୍ଠ ନେତା ଗୋଲକ ଚନ୍ଦ୍ର ବେହେରା, ସବିତା ଚନ୍ଦ, ସରପଞ୍ଚ ମନୋଜ ନାୟକ, ପ୍ରଶାନ୍ତ ସାହୁ, ଯୁବ କଂଗ୍ରେସ ସଭାପତି ବିଜୟ ଶଙ୍କର ମହାନ୍ତି, ସମିତିସଭ୍ୟା ସସ୍ମିତା ବେହେରା, ଅଜୟ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଷ୍ଣୁପୁର ପଞ୍ଚାୟତର କେତେକ ଜନସାଧାରଣ କଂଗ୍ରେସରେ ସାମିଲ ହୋଇଥିଲେ। ପିସିସି ସଭାପତି ସେମାନଙ୍କୁ ସ୍ୱାଗତ କରିଥିଲେ।




ସମାରୋହରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ମିଥ୍ୟା ଭିଡିଓ ଭାଇରାଲ କରି ଚାନ୍ଦା ଆଦାୟ ଅଭିଯୋଗ

ବାଲେଶ୍ୱର ଅଫିସ, ୨୪।୧

ବାଲେଶ୍ୱର ଜିଲାରେ ବିଭିନ୍ନ ଯନ୍ତ୍ରୀ ତଥା ପ୍ରଶାସନିକ ଅଧିକାରୀଙ୍କର ଚକ୍ରାନ୍ତ ପୂର୍ବକ ଭିଡିଓ ପ୍ରସ୍ତୁତ କରି କେତେକ ଅସାମାଜିକ ଲୋକ ଚାନ୍ଦା ମାଗୁଥିବା ରବିବାର ଏକ ପ୍ରେସ୍ ବିବୃତ୍ତିରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘର ଜୋନାଲ ସେକ୍ରେଟାରୀ ହୃଷିକେଶ ସାହୁ ଅଭିଯୋଗ କରିଛନ୍ତି। ଜିଲାରେ କିଛିଦିନ ପୂର୍ବରୁ ଜଳେଶ୍ୱରର ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ଯନ୍ତ୍ରୀ ଟଙ୍କା ନେଉଥିବା କେତେକ ଦୁର୍ବୃତ୍ତ ପ୍ରାୟୋଜିତ ଭିଡିଓ କରି ଭାଇରାଲ କରିଥିଲେ। ସେହିପରି ଗତ ୨୦ତାରିଖରେ ନୀଳଗିରି ବ୍ଲକର କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଏକ ବିଲ୍ ପାସ୍ କରିବା ପାଇଁ ଟଙ୍କା ନେଉଥିବା ଭିଡିଓ ମଧ ଭାଇରାଲ ହୋଇଛି। ଏହାକୁ ନେଇ ନୀଳଗିରି ଉପଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ସଂଘର ଜୋନାଲ ସେକ୍ରେଟାରୀ ସାହୁଙ୍କ ଅଭିଯୋଗ ଅନୁଯାୟୀ ଗତ ନିର୍ବାଚନ ପରଠାରୁ ନୀଳଗିରିରେ ଦଲାଲଙ୍କର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଦଲାଲମାନେ ପ୍ରଶାସନିକ ଅଧିକାରୀମାନଙ୍କୁ ହଇରାଣ କରି ଅର୍ଥ ହଡ଼ପ କରୁଛନ୍ତି। ପ୍ରଥମେ ସେମାନେ ରାଜନୈତିକ ବ୍ୟକ୍ତିଙ୍କ ପାଖଲୋକ କହି ଚାନ୍ଦା ମାଗୁଛନ୍ତି। ଏଥିରେ ପ୍ରଶାସନିକ ଅଧିକାରୀମାନେ ରାଜି ନ ହେଲେ ଅନାବନା ଭିଡ଼ିଓ ପ୍ରସ୍ତୁତ କରି ଭାଇରାଲ କରି ବ୍ଲାକମେଲିଂ କରୁଛନ୍ତି। ସେମାନେ ଠିକ୍ କାମ ଓ କାର୍ଯ୍ୟ ଶେଷ ନ କରି ସମସ୍ତ ଅର୍ଥ ନେବାକୁ ଚାହୁଁଛନ୍ତି। ଗତ କିଛିଦିନ ତଳେ ଏଭଳି ଘଟଣା ନୀଳଗିରି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହ ଘଟିଛି। ତାଙ୍କର ଏକ ପୁରୁଣା ଭିଡିଓକୁ ଭାଇରାଲ କରି ଫସାଇ ଦିଆଯାଇଛି। ପ୍ରକୃତରେ ଏହି ଭିଡ଼ିଓ କେବେ, କିଏ ଓ କାହିଁକି ଉତ୍ତୋଳନ କରିଥିଲା ଏବଂ ହାତରେ ଧରିଥିବା ଅର୍ଥ ପ୍ରକୃତରେ କାହାର ତାହା ତଦନ୍ତସାପେକ୍ଷ। ଏନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି।

# ପାଣି ପାଇଁ ବିକଳ ଗ୍ରାମବାସୀ

ଝୁମ୍ପୁରା, ୨୪।୧ (ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତପୁର ପଞ୍ଚାୟତରେ ଅବସ୍ଥିତ ଗାଁଟିର ନାମ ହରିଡାଜୋଡି। ଭୌଗୋଳିକ ଦୃଷ୍ଟିକୋଣରୁ ହରିଡାଜୋଡି ଗ୍ରାମର ଚାରିପଟ ଜଙ୍ଗଲ ରହିଥିବା ବେଳେ, ପାହାଡ ଉପରେ ଅବସ୍ଥିତ ଏହି ଗ୍ରାମର ଲୋକସଂଖ୍ୟା ୪୦୦ରୁ ଉର୍ଦ୍ଧ୍ୱ। ବର୍ଷ ବର୍ଷ ଧରି ଜଙ୍ଗଲ ଝରଣା ପାଣିକୁ ପାନୀୟଜଳ ରୂପେ ବ୍ୟବହାର କରୁଥିବା ଗ୍ରାମବାସୀନ୍ଦାଙ୍କ ପାଇଁ ୨ବର୍ଷ ହେଲା ଗଭୀର ନଳକୂପ କରାଯାଇ ସୋଲାର ସିଷ୍ଟମ କରଯାଇଛି। ହେଲେ ଏହି ସୋଲାର ସିଷ୍ଟମ ନଳକୂପ ଏହି ବର୍ଷକ ଭିତରେ ୪ଥର ଖରାପ ହେଲାଣି। ଏବେ ୩ମାସ ହେଲା ୨ଟି ଯାକ ସୋଲାର ସିଷ୍ଟମ ଖରାପ ହୋଇ ପଡିରହିଛି। ହରିଡାଜୋଡି ଗ୍ରାମବାସୀନ୍ଦା ପୁଣି ଥରେ ଜଙ୍ଗଲ ଝରଣା ପାଣିକୁ ଆଦରି ନେଇଛନ୍ତି। ପାନୀୟ ଜଳ ପାଇଁ ଝରଣା ନିକଟକୁ ଯିବା ପାଇଁ ଗାଁ ଲୋକଙ୍କୁ ମାଇଲ ମାଇଲ ବାଟ ଜଙ୍ଗଲ ଭିତରେ ଯିବା ପାଇଁ ପଡୁଛି। ସୋଲାର ସିଷ୍ଟମକୁ ସଜାଡିବା ପାଇଁ ସରପଞ୍ଚ ଜ୍ଞାନରଞ୍ଜନ ମୁଣ୍ଡା ଅନେକ ଥର ଝୁମ୍ପୁରାସ୍ଥିତ ଗ୍ରାମ୍ୟ ପାନୀୟ ଜଣ ଯୋଗାଣ କାର୍ଯ୍ୟାଳୟରେ ଅଭିଯୋଗ କଲେଣି, ହେଲେ କେହି ଶୁଣିବାର ନାହିଁ। ଏସମ୍ପର୍କରେ ଝୁମ୍ପୁରାସ୍ଥିତ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଶୁଭସ୍ମିତା ଖମାରୀଙ୍କୁ ପଚାରିବାରୁ ସୋଲାର ସିଷ୍ଟମ ଅଚଳ ନେଇ ଜିଲା କାର୍ଯ୍ୟାଳୟକୁ ରିପୋର୍ଟ କରାଯାଇଛି ବୋଲି କହିଛନ୍ତି।

# ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଆରଡ଼ି,୨୪।୧(ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତ ସ୍ଥାନୀୟ ଅଞ୍ଚଳର ପ୍ରଗତିର ସୂତ୍ରଧର ଥିଲେ ବୋଲି ରବିବାର ଧାମନଗର ବ୍ଲକ ଧୂଷୁରୀ ବଜାରରେ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଜନ୍ମଭୂମି ବାହାରବିଲଠାରେ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ତଥା ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପୂର୍ବତନ ବିଧାୟକ କାଙ୍ଗାଳୀ ଚରଣ ପଣ୍ଡା, ରୋଟାରିଆନ ଅତିଶ ବେହେରା, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୃଥୀବଲ୍ଲଭ ପଟ୍ଟନାୟକ, ପୂର୍ବତନ ଏମ୍‌ପି ମୁରଲୀଧର ଜେନା, ମଙ୍ଗରାଜ ମଲିକ, ପୂର୍ବତନ ବିଧାୟକ ନରେନ ପଲାଇ, ଆଡଭୋକେଟ ଦେବାଶିଷ ସାମଲ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବ୍ଲକ କଂଗ୍ରେସ ନେତା ହୃଦାନନ୍ଦ ସେଠୀ, ପ୍ରଦୀପ ଦାସ, ରବୀନ୍ଦ୍ର ନାୟକ, ସଂଗ୍ରାମ ନାୟକ, ପରମାନନ୍ଦ ସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱର୍ଗତ ରାଉତଙ୍କ ପୁଅ ଅଭିଷେକ ରାଉତ ଧନ୍ୟବାଦ ଦେଇଥିଲେ।



ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି।

# ଜିଲାବାସୀଙ୍କ ହକ୍ ପାଇଁ ଆନ୍ଦୋଳନ କରିବ ଭଞ୍ଜସେନା

ବାରିପଦା ଅଫିସ,୨୪।୧

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାବାସୀଙ୍କ ହକ୍ ପାଇଁ ଛାତ୍ର ସଙ୍ଗଠନ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ୨୩ତମ ପ୍ରତିଷ୍ଠା ଦିବସରେ ସଭାପତି ପିଣ୍ଟୁ ମାଇତି ଯୁବଗୋଷ୍ଠୀକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶନିବାର ଜିଲାର କୋଣ ଅନୁକୋଣରୁ ଯୁବକ ଓ ଛାତ୍ରମାନଙ୍କୁ ନେଇ ପ୍ରତିଷ୍ଠା ଦିବସ ପାଳନ ସହ ଶପଥଗ୍ରହଣ କରାଯାଇଛି। ପ୍ରାରମ୍ଭରେ ନେତୃମଣ୍ଡଳୀଙ୍କ ଦ୍ୱାରା ବଜାରରେ ଥିବା ସମସ୍ତ ମହାପୁରୁଷ ଓ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସେହିପରି ଆୟୋଜିତ ଖବରଦାତା ସମ୍ମିଳନୀରେ ବିଗତ ଦିନରେ ଭଞ୍ଜସେନା ପକ୍ଷରୁ ରକ୍ତଭଣ୍ଡାର ଶାଖା ମାଧ୍ୟମରେ ରକ୍ତଦାନ କରାଯାଇ ରକ୍ତର ଅଭାବୀକରଣ ଓ ବ୍ୟବସାୟକରଣକୁ ରୋକିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅପରାହ୍ନରେ ମଧୁବନ ଷ୍ଟାଡିୟମରୁ ବିଶାଳ ବାଇକ୍ ରାଲି ବାହାରି ବାରିପଦା ସହର ପରିକ୍ରମା କରିଥିଲା।

ସନ୍ଧ୍ୟାରେ ଭଞ୍ଜପୁରସ୍ଥିତ ଜଗଦ୍ଧାତ୍ରୀ ପଡ଼ିଆରେ ସେନାର ଅଧକ୍ଷ ସତ୍ୟସ୍ୱରୂପ ଦାସଙ୍କ ଅଧ୍ୟକ୍ଷତାରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ବେକାରୀମୁକ୍ତ ମୟୂରଭଞ୍ଜ ଗଠନର ସ୍ୱରକୁ ଶାଣିତ କରି ଜିଲାରେ ପର୍ଯ୍ୟଟନ ଶିଳ୍ପ ବିକାଶ, ବନ୍ୟଜାତ ଦ୍ରବ୍ୟର ଉପଯୁକ୍ତ ବିନିଯୋଗ, ପ୍ରଚୁର ପରିମାଣରେ ଗଚ୍ଛିତ ଥିବା ଖଣିଜ ସମ୍ପଦକୁ ନେଇ ଜିଲାରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟ ଏବଂ ଜନସାଧାରଣଙ୍କୁ ରୋଜଗାର ପ୍ରଦାନ ନିଷ୍ପତ୍ତି ନେଇ ଉପସ୍ଥିତ ଯୁବକ ଓ ଛାତ୍ରମାନଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ସଂଯୋଜକ ରାକେଶ ବେହେରା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ଅଧକ୍ଷ ରାକେଶ ସିଂ, ନିମାଇଁ ତ୍ରିପାଠୀ, ଶୁଭେନ୍ଦୁ ମହାନ୍ତି, କାଜଲ ମହାନ୍ତ, ଲାଲ ବାହାଦୁର ମହାନ୍ତି, ରାକେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରକ୍ତଭଣ୍ଡାର ଶାଖା ପରିଚାଳନାରେ କ୍ରିୟାଶୀଳ ନେତୃବୃନ୍ଦଙ୍କୁ ସମ୍ମାନିତ କରାଯାଇଛି।



ବାଇକ୍ ରାଲିରେ ବାହାରିଥିବା ଭଞ୍ଜସେନାର କର୍ମକର୍ତ୍ତା।

